# ଭାରତୀୟ ଜନତା ପାର୍ଟି, ଓଡ଼ିଶା

## ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

## ତା. ୨୩ -୨୪ ଏପ୍ରିଲ ୨୦୦୭

### ସ୍ଥାନ-ଭୁବନେଶ୍ୱର (କୁଶାଭାଉ ଠାକ୍‌ରେ ଭବନ)

---

## ରାଜନୈତିକ ପ୍ରସ୍ତାବ

କେନ୍ଦ୍ରରେ କଂଗ୍ରେସ ନେତୃତ୍ୱାଧୀନ ଉପା ସରକାର କ୍ଷମତାସୀନ ହେବାପରେ ଗତାନୁଗତିକ ଭାବେ ଓଡ଼ିଶା ପ୍ରତି ବୈମାତୃକ ମନୋଭାବ ପୋଷଣ କରୁଛି । ବିଗତ ଏନ.ଡି.ଏ ସରକାର ସମୟରେ ଓଡ଼ିଶାକୁ ବିଭିନ୍ନ ସ୍ତରରେ ଯେପରି ସହାୟତାର ସୁଅ ଛୁଟୁଥିଲା ଏବଂ ବିଭିନ୍ନ ଜାତୀୟ ପ୍ରକଳ୍ପର ଶୁଭାରମ୍ଭ କରାଯାଇଥିଲା ତାହା ଉପା ସରକାର ସମୟରେ ବନ୍ଦ ହୋଇଯାଇଛି କିମ୍ବା ଜାଣିଶୁଣି ବିଳମ୍ବ କରାଯାଉଛି । ବନ୍ୟା, ବାତ୍ୟା ଓ ମରୁଡି ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଏନ.ଡି. ଏ ସରକାର ଓଡ଼ିଶାକୁ ହଜାର ହଜାର କୋଟି ଟଙ୍କା ସହାୟତା ଯୋଗାଇ ଦେଉଥିଲେ । ମାତ୍ର ଗତ ବର୍ଷ ରାଜ୍ୟରେ ଦେଖାଦେଇଥିବା ଭୟାନକ ବନ୍ୟାଯୋଗୁଁ ବ୍ୟାପକ କ୍ଷୟକ୍ଷତି ଘଟିଥିଲେ ହେଁ କେନ୍ଦ୍ର ସରକାର ଏ ପର୍ଯ୍ୟନ୍ତ କୌଣସି ଆର୍ଥିକ ସହାୟତା ପ୍ରଦାନ କରିନାହାନ୍ତି । ଏନ. ଡି. ଏ. ସରକାର ସମୟରେ ଜାତୀୟ ରାଜପଥର ନିର୍ମାଣ କାର୍ଯ୍ୟ ବିଶେଷକରି ଏନ.ଏଚ. -୫ ର ନିର୍ମାଣ ଯେପରି ଦ୍ରୁତ ଗତିରେ ଆଗେଇ ଥିଲା ଉପା ସରକାର ସମୟରେ ତାହା ଶୀଥିଳ ହୋଇଯାଇଛି । କେନ୍ଦ୍ର ସରକାର ବହୁ ଆଡମ୍ବରରେ ଘୋଷଣା କରିଥିବା ରାଜୀବ ଗାନ୍ଧୀ ଗ୍ରାମ୍ୟ ବିଦ୍ୟୁତକରଣ ଯୋଜନା ପାଇଁ ଏ ଯାଏଁ ଅର୍ଥ ମଞ୍ଜୁର କରିନାହାନ୍ତି । ଏନ.ଡି.ଏ ସରକାର ସମୟରେ ଆରମ୍ଭ ହୋଇଥିବା ଜାତୀୟ ବିଜ୍ଞାନ କେନ୍ଦ୍ର, ଏ.ଆଇ.ଆଇ.ଏମ୍.ଏସ୍. , ଓ ପାରାଦ୍ୱୀପ ତୈଳ ବିଶୋଧନାଗାର ଆଦି ବୃହତ୍ତ ଜାତୀୟ ପ୍ରକଳ୍ପକୁ ରାଜନୈତିକ ବାଛବିଚାର ରଖି ବିଳମ୍ବିତ କରାଯାଇଛି । ରାଜ୍ୟରେ ଏକ ନୂତନ ଆଇ.ଆଇ.ଟି ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାରଙ୍କ ଘୋଷଣାକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ରାଜ୍ୟକାର୍ଯ୍ୟକାରିଣୀ କେନ୍ଦ୍ର ସରକାରଙ୍କ ଠାରେ ଦାବୀ ଜଣାଉଛି ।

"କଂଗ୍ରେସର ହାତ- ସାଧାରଣ ଲୋକଙ୍କ ସହିତ" ନାରା ଦେଇ କ୍ଷମତାକୁ ଆସିବା ପରେ ସେହି କଂଗ୍ରେସ ଶେଷରେ ସାଧାରଣ ଜନତାଙ୍କ ସହ ଚରମ ବିଶ୍ୱାସଘାତକତା କରିଛି । କଂଗ୍ରେସ ନେତୃତ୍ୱାଧୀନ ଉପା ସରକାରଙ୍କ ସମୟରେ ଅତ୍ୟାବଶ୍ୟକ ସାମଗ୍ରୀର ଦର ଯେଭଳି ହୁ ହୁ ହୋଇ ବଢ଼ିଚାଲିଛି ସେଥିରେ ସାଧାରଣ ଜନତା ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି । କେନ୍ଦ୍ରସରକାରଙ୍କ ଏ ସମସ୍ତ ଜନମାରଣ ନୀତି ତଥା ଓଡ଼ିଶା ପ୍ରତି ବୈମାତୃକ ମନୋଭାବ ବିରୋଧରେ ଭାରତୀୟ ଜନତା ପାର୍ଟି ତା'ର ଆନ୍ଦୋଳନକୁ ଆହୁରି ଜୋରଦାର କରିବ ।

ନିକଟରେ ଅନୁଷ୍ଠିତ ହୋଇଯାଇଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବିଜେପି ଆଶାତୀତ ସଫଳତା ପାଇନଥିଲେ ମଧ ଦଳ ପ୍ରାୟତଃ ତାର ସ୍ଥିତାବସ୍ଥା ବଜାୟ ରଖିଛି । ପଞ୍ଚାୟତ ନିର୍ବାଚନ ଯେପରି ବ୍ୟୟବହୁଳ ହୋଇପଡିଛି ତାହା ଗଣତାନ୍ତ୍ରିକ ବ୍ୟବସ୍ଥା ପାଇଁ ଶୁଭଙ୍କର ନୁହେଁ । ବ୍ୟୟବହୁଳ ପଞ୍ଚାୟତ ନିର୍ବାଚନକୁ ପ୍ରତିହତ କରିବା ପାଇଁ ଏବଂ ପଞ୍ଚାୟତ ନିର୍ବାଚନ ଆଚରଣ ସଂହିତାରେ ଥିବା ତ୍ରୁଟିବିଚ୍ୟୁତିର ସଂଶୋଧନ ପାଇଁ ନିର୍ବାଚନ ସଂସ୍କାରର ଆବଶ୍ୟକତା ଜରୁରୀ ହୋଇପଡିଛି ବୋଲି କାର୍ଯ୍ୟକାରିଣୀ ଅନୁଭବ କରୁଛି । ଏଣୁ ରାଜ୍ୟ ସରକାର ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ କାର୍ଯ୍ୟକାରିଣୀ ପ୍ରସ୍ତାବ ରଖୁଛି ।

ରାଜ୍ୟ ସରକାର ଓଡ଼ିଶାର ପ୍ରଗତି ପାଇଁ ଦ୍ରୁତ ଶିଳ୍ପାୟନ ଉପରେ ଗୁରୁତ୍ୱାରୋପ କରିବା ସହ ଏଥିପାଇଁ ବିଭିନ୍ନ କମ୍ପାନୀମାନଙ୍କ ସହ ୪୫ଟି ବୁଝାମଣାପତ୍ର ସ୍ୱାକ୍ଷର କରିସାରିଛନ୍ତି । ରାଜ୍ୟ କାର୍ଯ୍ୟକାରିଣୀ ଏଥିପାଇଁ ସରକାରଙ୍କୁ ଧନ୍ୟବାଦ ଜଣାଉଛି, କିନ୍ତୁ ଓଡ଼ିଶାର ସାମଗ୍ରିକ ବିକାଶ ପାଇଁ ଶିଳ୍ପର ବିକାଶ ସହ କୃଷିର ଉନ୍ନତି ହେବା ଆବଶ୍ୟକ । କୃଷିକୁ ଶିଳ୍ପର ମାନ୍ୟତା ପ୍ରଦାନ, ଉଠା ଜଳସେଚନ ଓ କ୍ଷୁଦ୍ର ଜଳସେଚନର ବିକାଶ, ଜଳ ସେଚନର ପ୍ରସାର, କୃଷି ଆଧାରିତ ଶିଳ୍ପ, କୁଟୀର ଶିଳ୍ପ, ହସ୍ତଶିଳ୍ପ, ବୟନଶିଳ୍ପ ଏବଂ ପର୍ଯ୍ୟଟନର ପ୍ରୋତ୍ସାହନ ଦ୍ୱାରା ବ୍ୟାପକ କର୍ମନିଯୁକ୍ତି ସାଙ୍ଗକୁ ରାଜ୍ୟର ସାମୂହିକ ବିକାଶ ତ୍ୱରାନ୍ୱିତ ହୋଇପାରିବ । ଶିଳ୍ପ ପ୍ରତିଷ୍ଠା ହେଉଥିବା ଅଞ୍ଚଳରେ ସ୍ଥାନୀୟ ଯୁବକମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ଯୋଗାଇ ଦେବାକୁ କାର୍ଯ୍ୟକାରିଣୀ ସରକାରଙ୍କୁ ପରାମର୍ଶ ଦେଉଛି । ରାଜ୍ୟକାର୍ଯ୍ୟକାରିଣୀ କୃଷକମାନଙ୍କର ସ୍ୱାର୍ଥକୁ ଦୃଷ୍ଟିରେ ରଖି ରିଲିଫ୍ କୋଡ୍‌ରେ ବ୍ୟାପକ ପରିବର୍ତ୍ତନ କରିବା ସଂଗେସଂଗେ ଶସ୍ୟବୀମା ଯୋଜନାରେ କୌଣସି ଟାଳଟୁଳ ନୀତି ଅବଲମ୍ବନ ନକରି ଶୀଘ୍ରାତିଶୀଘ୍ର ବ୍ଲକ ପରିବର୍ତ୍ତେ ପଞ୍ଚାୟତକୁ ୟୁନିଟ୍ ଭାବେ ଗ୍ରହଣ କରିବାକୁ ପରାମର୍ଶ ଦେଉଛି ।

ଓଡ଼ିଶା ସରକାର ପ୍ରଣୟନ କରିଥିବା ବିସ୍ଥାପନ ନୀତି ସାରା ଦେଶରେ ସର୍ବୋତ୍ତମ ବିସ୍ଥାପନ ବ୍ୟବସ୍ଥା । ମାତ୍ର ବିସ୍ଥାପନ ବେଳେ ସଂପୃକ୍ତ ଜନସାଧାରଣଙ୍କୁ ବିଶ୍ୱାସକୁ ନେଇ ସରକାର ଏହି ନୀତିକୁ ଲାଗୁକରନ୍ତୁ । ଭାରତୀୟ ଜନତା ପାର୍ଟି ସର୍ବନିମ୍ନ ବିସ୍ଥାପନରେ ବିଶ୍ୱାସ ରଖେ ।

ଜନସାଧାରଣଙ୍କ ପାଇଁ ଶିକ୍ଷା ଓ ସ୍ୱାସ୍ଥ୍ୟ ମୌଳିକ ଆବଶ୍ୟକତା ହୋଇଥିବାରୁ ରାଜ୍ୟରେ ଖାଲି ପଡିଥିବା ଶିକ୍ଷକ , ଅଧ୍ୟାପକ ଓ ଡାକ୍ତର ପଦବୀକୁ ସରକାର ଯୁଦ୍ଧକାଳୀନ ଭିତ୍ତିରେ ପୂରଣ କରିବାସହ ଶିକ୍ଷା ସହାୟକମାନଙ୍କୁ ସ୍ଥାୟୀ ଶିକ୍ଷକର ମାନ୍ୟତା ପ୍ରଦାନ କରିବା ପାଇଁ କାର୍ଯ୍ୟକାରିଣୀ ସରକାରଙ୍କୁ ପରାମର୍ଶ ଦେଉଛି ।

ରାଜ୍ୟରେ କ୍ରମବର୍ଦ୍ଧିଷ୍ଣୁ ନକ୍ସଲ କାର୍ଯ୍ୟକଳାପ ଘେନି ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ଗଭୀର ଉଦ୍‌ବେଗ ପ୍ରକାଶ କରୁଛି । ନକ୍ସଲମାନେ ସେବା ନାରେ ହତ୍ୟା, ସରକାରୀ ଓ ବେସରକାରୀ ସମ୍ପତ୍ତି ନଷ୍ଟ, ଅପହରଣ ଓ ବଳପୂର୍ବକ ଚାନ୍ଦା ଆଦାୟ ଭଳି ହିଂସାତ୍ମକ କାର୍ଯ୍ୟରେ ଲିପ୍ତ ରହୁଥିବାରୁ ସରକାର ସେମାନଙ୍କୁ ଦୃଢ଼ ହସ୍ତରେ ଦମନ କରନ୍ତୁ ବୋଲି କାର୍ଯ୍ୟକାରିଣୀ ପରାମର୍ଶ ଦେଉଛି । ସେହିପରି ରାଜ୍ୟରେ ବେଆଇନ୍ ଅନୁପ୍ରବେଶ ବୃଦ୍ଧି ପାଉଥିବାରୁ କାର୍ଯ୍ୟକାରିଣୀ ଗଭୀର ଉଦ୍‌ବେଗ ପ୍ରକାଶ କରୁଛି । ଅନୁପ୍ରବେଶକାରୀ ମାନେ ବିଭିନ୍ନ ମାରଣାସ୍ତ୍ରରେ ସଜ୍ଜିତ ହୋଇ ସ୍ଥାନୀୟ ଲୋକମାନଙ୍କୁ ଭୟଭୀତ କରାଇବା ସହ ଚୋରା ନିଶାଦ୍ରବ୍ୟ କାରବାରରେ ଜଡିତ ରହୁଥିବାରୁ ଅନେକ ସମୟରେ ଆଇନ୍ ଶୃଙ୍ଖଳା ପରିସ୍ଥିତ ସୃଷ୍ଟି ହେଉଛି । ରାଜ୍ୟ

ସରକାର ଏହି ବେଆଇନ୍ ଅନୁପ୍ରବେଶକୁ ରୋକିବା ପାଇଁ କଠୋର ପଦକ୍ଷେପ ନେବାକୁ କାର୍ଯ୍ୟକାରିଣୀ ପରାମର୍ଶ ଦେଉଛି ।

ଧର୍ମ ସ୍ୱାଧୀନତା ଆଇନ୍ ୧୯୬୭କୁ କଡାକଡି ଭାବେ ପାଳନ କରାଯାଉନଥିବାରୁ ବିଜେପି ରାଜ୍ୟକାର୍ଯ୍ୟକାରିଣୀ ଗଭୀର କ୍ଷୋଭପ୍ରକାଶ କରୁଛି । ଧର୍ମାନ୍ତରକୁ ଏକ ଧର୍ତ୍ତବ୍ୟ ଅପରାଧ ଭାବେ ପରିଗଣିତ କରିବା, ଗୋହତ୍ୟା ଓ ଗୋ ଚାଲାଣକୁ ସଂପୂର୍ଣ୍ଣ ନିଷେଧ କରିବା ଏବଂ ଯେଉଁମାନେ ଏହାର ଉଲଙ୍ଘନ କରିବେ ସେମାନଙ୍କ ବିରୋଧରେ ଦୃଢ଼ ଏବଂ ଦୃଷ୍ଟାନ୍ତମୂଳକ ଶାସ୍ତିବିଧାନ କରିବାକୁ କାର୍ଯ୍ୟକାରିଣୀ ଦାବୀ କରୁଛି ।

* * * * *